# ODM PUBLIC SCHOOL

**SESSION :3**
**CLASS : V**
**SUBJECT : ଓଡିଆ**
**CHAPTER NUMBER:02**
**CHAPTER NAME : ଉପଯୁକ୍ତ ବେଶ ପକାଇ ଆସ**
**SUBTOPIC :ବହି ପ୍ରଶ୍ନଉତ୍ତର**

# LEARNING OBJECTIVE

ସରଳାର୍ଥ ଲିଖନଶୈଳୀ ବିଷୟରେ ଅବଗତ ହେବା ।

# ପ୍ରଶ୍ନ ୯-ନିଜ ଭାଷାରେ ବୁଝାଇ ଲେଖିବା ।

‘ପୁଅ ଏ ବେଶରେ ତୁମେ କେଡେ ସୁନ୍ଦର ଦିଶୁଛ ’।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ମନୋଜ ଦାସଙ୍କ ଦ୍ୱାରା ଲିଖିତ ‘ଉପଯୁକ୍ତ ବେଶ ପକାଇ ଆସ’ପ୍ରବନ୍ଧରୁ ଆସିଅଛି । ଏଠାରେ ଲେଖକ,ରାଜା ଉପଯୁକ୍ତ ବେଶ ପକାଇ ସନ୍ନ୍ୟାସୀ ଙ୍କୁ ସାକ୍ଷାତ କରିବା ବିଷୟରେ ବର୍ଣ୍ଣନା କରିଛନ୍ତି ।

ଏକଦା ଜଣେ ରାଜା ଥିଲେ । ସେ ବହୁତ ପ୍ରଭାବଶାଳୀ ଓ ପରାକ୍ରମଶାଳୀ ଥିଲେ । ପାହାଡ଼ର ପାଦ ଦେଶରେ ଶିବିର ମଧ୍ୟରେ ଥିବାବେଳେ ରାତିରେ ପାହାଡ ଉପରେ ଏକ ଆଲୋକ ଦେଖିଲେ । ମନ୍ତ୍ରୀଙ୍କ ଠାରୁ ଜାଣିଲେ ଯେ,ସେ ଆଲୋକ ଜଣେ ସନ୍ନ୍ୟାସୀଙ୍କର । ରାଜା ସନ୍ନ୍ୟାସୀଙ୍କୁ ଭେଟିବା ପାଇଁ ଦୂତ ପଠାଇଲେ । ଉପଯୁକ୍ତ ବେଶ ପକାଇ ଆସିବା ପାଇଁ ସନ୍ନ୍ୟାସୀ ଆଦେଶ ଦେଲେ । ରାଜପୋଷାକ,ସାଧାରଣ ନାଗରିକ ପୋଷାକ,ଗେରୁଆ ପୋଷାକ ମଧ୍ୟ ରାଜାଙ୍କ ପାଇଁ ଉପଯୁକ୍ତ ନ ଥିଲା ।

ODM PUBLIC SCHOOL

ରାଜା ବ୍ୟସ୍ତହୋଇଗଲେ । ସେ କେତେ ରାଜ୍ୟ ଜୟ କରିଛନ୍ତି,କେତେ ମୁଣ୍ଡକାଟ କରିଛନ୍ତି,ହେଲେ ତଥାପି ସାଧୁଙ୍କ ଆଖିରେ ସେ ଅଯୋଗ୍ୟ । ଏପରି ଭାବୁଥିବା ସମୟରେ ସେ ଶୁଣିଲେ,'ପୁଅ ଏ ବେଶରେ ତୁମେ କେଡେ ସୁନ୍ଦର ଦିଶୁଛ । ଏ ଉକ୍ତି ସାଧୁଙ୍କର ଥିଲା ।ରାଜା ସାଧୁଙ୍କ ପାଦ ତଳେ ଲୋଟି ଗଲେ।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି ।

ପ୍ରଶ୍ନ.୧୦=ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି। ପ୍ରତ୍ୟେକ ଶବ୍ଦ ପାଇଁ ଦିଆଯାଇଥିବା ଅର୍ଥଗୁଡ଼ିକ ମଧ୍ୟରୁ ଠିକ ଅର୍ଥଟି ବାଛିବା ଏବଂ ମୂଳ ଶବ୍ଦକୁ ନେଇ ବାକ୍ୟଗଠନ କରିବା ।

ଉଦାହରଣ-ନୀଳାଭ-ଉଜ୍ଜଳ ନୀଳବର୍ଣ୍ଣ –ଚିଲିକାର ନୀଳାଭ ଜଳରାଶି ଜଳରାଶି ଅତି ମନୋହର ।

(କ) ଦୃଷ୍ଟିଗୋଚର –ଆଖିବୁଜି ଦେଖିବା,କଳ୍ପନାରେ ଦେଖିବା,ପରିଷ୍କାର ଭାବରେ ଦେଖିବା ।

(ଖ)ଅଗତ୍ୟା –ଅନ୍ୟଗତି ନ ଥିବାରୁ,ଦ୍ରୁତଗତି,ଦୁର୍ଗତି ।

(ଗ)ଉଦ୍ଧତ –ଜଟିଳ,ଅବିନୀତ,ଅସହାୟ ।

(ଘ)ପରିଧେୟ –ତ୍ୟାଗକରିବା,ପିନ୍ଧାଯାଇଥିବା,ଗ୍ରହଣକରିବା ।

# ଉତ୍ତର

୧୦ (କ) ଦୃଷ୍ଟିଗୋଚର-ପରିଷ୍କାର ଭାବରେ ଦେଖିବା – ଜଙ୍ଗଲରେ ଏକ ମହାବଳ ବାଘ ମୋର ଦୃଷ୍ଟିଗୋଚର ହେଲା ।

(ଖ)ଅଗତ୍ୟା –ଅନ୍ୟ ଗତି ନ ଥିବାରୁ –ଷଣ୍ଢଟି ଅଗତ୍ୟା ରାମୁକୁ ଆକ୍ରମଣ କଲା ।

(ଗ)ଉଦ୍ଧତ –ଅବିନୀତ –ଉଦ୍ଧତ ଲୋକ କାହାର ଆଦର ପାଏ ନାହିଁ ।

(ଘ)ପରିଧେୟ –ପିନ୍ଧାଯାଇଥିବା –ପରିଧେୟ ବସ୍ତ୍ରକୁ ଧୋଇବା ଉଚିତ ।

ପ୍ରଶ୍ନ ୧୧-ଯେପରି 'ବିଶେଷ'ଶବ୍ଦରୁ 'ବିଶେଷତ୍ୱ' ହୋଇଛି,ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବଦଳାଇ ଲେଖିବା ।

ମନୁଷ୍ୟ --------ମନୁଷ୍ୟତ୍ୱ
ଘନ -----------ଘନତ୍ୱ
ବ୍ୟକ୍ତି ----------ବ୍ୟକ୍ତିତ୍ୱ
ଗୁରୁ -----------ଗୁରୁତ୍ୱ
ପଶୁ -----------ପଶୁତ୍ୱ
ଦେବ----------ଦେବତ୍ୱ

ODM PUBLIC SCHOOL

# ଗୃହକର୍ମ

ଆଲୋଚିତ ପ୍ରଶ୍ନ ୧ ୧ ର  ଉତ୍ତର ଖାତାରେ କର।

ODM PUBLIC SCHOOL

# LEARNING OUTCOME:

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP